# Akashvani, Sambalpur

## SAMBALPURI NEWS BULLETIN

### 14 May 2024- 6.47- 6.52 am.

*********************************************

ପହେଲା ଖେପ୍ ନିର୍ବାଚନ୍      ଆର୍ଏନ୍ୟୁ/ସମ୍ବଲ୍ପୁର୍

ରାଜ୍ୟର୍ ୪ ଟା ଲୋକ୍ସଭା ଆସନ୍ କଲାହାଣ୍ଡି, କୋରାପୁଟ୍, ନବରଙ୍ଗ୍ପୁର୍ ଆର୍ ବ୍ରହ୍ମପୁର୍ ଆଉ ଇତାର୍ ଅଧିନ୍ଥି ଥିବା ୨୮ ଟା ବିଧାନ୍ସଭା ଆସନ୍ ଲାଗି ଗଲାକାଏଲ୍ ମତଦାନ୍ ଶେଷ୍ ହେଇଛେ । ଇ ଖେପେ ୨ ଶହ ୪୩ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍ଫୁ ରାତି ସାଢ଼େ ୧୧ ବଜେତକ୍ ମିଲିଥିବା ସୂଚ୍ନା ଅନ୍ସାରେ ରାଏଜେ ୭୩ ଦଶ୍ମିକ୍ ୯/୭ ପ୍ରତିଶତ୍ ମତଦାନ୍ ହେଇଛେ । ନବରଙ୍ଗ୍ପୁର୍ ସଂସଦୀୟ କ୍ଷେତ୍ର ନ ସବୁନୁ ଅଏତ୍କା ୮୦ ଦଶ୍ମିକ୍ ୨/୨ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ କୋରାପୁଟ୍ ନ ୭୬ ଦଶ୍ମିକ୍ ୯/୮, କଲାହାଣ୍ଡି ନ ୭୫ ଦଶ୍ମିକ୍ ୭/୧ ଆର୍ ବ୍ରହ୍ମପୁର୍ ନ ୬୩ ଦଶ୍ମିକ୍ ୩/୪ପ୍ରତିଶତ୍ ମତଦାନ୍ ହେଇଛେ ।

ସେନ୍ତା ଦେଶର୍ ଲୋକ୍‌ସଭା ନିର୍ବାଚନ୍‌ର ୪ ନମ୍ବର୍ ଖେପେ ଗଲାକାଏଲ୍ ୯ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୯୬ ଟା ଲୋକ୍‌ସଭା ଆସନ୍ ଲାଗି ହେଇଥିବା ଭୋଟ୍‌ଥି ୬୭ ଦଶ୍‌ମିକ୍ ୭/୧ ପ୍ରତିଶତ୍ ମତଦାନ୍ ହେଇଛେ ବଲି ନିର୍ବାଚନ୍ ଆୟୋଗଙ୍କର୍ ସୂତ୍ରନୁ ଜନାପଡ଼ିଛେ ।

ଇଭିଏମ୍- ଷ୍ଟ୍ରଙ୍ଗ୍‌ରୁମ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପହେଲା ଖେପ୍ ମତଦାନ୍‌ଥି ୪ ଟା ଲୋକ୍‌ସଭା ଆଉ ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ମୋଟ୍ ୯ ଟା ପୁଲିସ୍ ଜିଲ୍ଲାର ୭ ହଜାର୍ ୨ ଶହ ୯୮ଟା ବୁଥ୍ ନ ଭୋଟ୍ ହେଇଯାଇଛେ । ଭୋଟ୍ ସର୍‌ଲା ଉତ୍‌ରୁ ଇଭିଏମ୍ ମିସିନ୍ ମାନ୍‌କେ କଡ଼ାସୁରକ୍ଷା ଭିତ୍‌ରେ ୧୫ ଟା ଷ୍ଟ୍ରଙ୍ଗ୍‌ରୁମ୍ ନ ରଖାଯାଇଛେ । ଇତାର୍ ସୁରକ୍ଷା ଲାଗି ସିସିଟିଭି ଲଗାଯିବାର୍ ସହେତେ ୨ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ମୋଟ୍ ୭୧ ଟା ଜାଗା ନ ଇଭିଏମ୍ ରଖ୍‌ବାର୍ ଲାଗି ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇଛେ ବଲି ପୁଲିସ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଓଡ଼ିଶାର୍ ୨ ନମ୍ବର୍ ଖେପ୍ ନିର୍ବାଚନ ଆର୍ଏନ୍ୟୁ / ସମ୍ବଲପୁର

ଦେଶର୍ ୫ ନମ୍ବର୍ ଖେପ୍ ଆର୍ ଓଡ଼ିଶାର୍ ୨ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ବୈଧ ପ୍ରାର୍ଥୀ ତାଲିକା ବାହାରିଛେ । ତାଲକା ବାହାର୍‌ବାର୍ ଉତ୍ରୁ ଲୋକ୍‌ସଭା ଆସନ୍‌ଥି ୪୦ ଝନ୍ ଆଉ ବିଧାନ୍‌ସଭା ଆସନ୍ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ରହିଛନ୍ । ଇ ଖେପେ ରାଜ୍ୟର୍ ବର୍‌ଗଡ୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ଲୋକ୍‌ସଭା ଆସନ୍ ସଙ୍ଗେ ହେତାର୍ ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବା ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ସମ୍ବଲପୁର

ବରିଷ୍ଠ ବିଜେପି ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୦ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସିକରି ପୁରୀ, କଟକ୍ ଆଉ ଅନୁଗୁଲ୍ ନ ଦଲ୍ ତର୍‌ଫୁ ଜନସଭାଥି ଉଦ୍‌ବୋଧନ୍ ଦେବେ । ଇତାର୍‌ଛଡ଼ା ପୁରୀ ନ ସେ ଗୁଟେ ରୋଡ୍‌ସୋ କର୍‌ବେ

ବଲି ବିଜେପି ରାଜ୍ୟ ଉପସଭାପତି ଗୋଲକ୍ ମହାପାତ୍ର ସୂଚ୍ନା ଦେଇଛନ୍ ।

ସେନ୍ତା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ ରାଉର୍କେଲା, ସୋରଡ଼ା ଆର୍ କଂଟାବାଞ୍ଜି ନ ସାଧାରଣ ସଭାଥି ଉଦ୍ବୋଧନ୍ ଦେବେ ବଲି ଶ୍ରୀ ମହାପାତ୍ର କହିଛନ୍ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଏବା ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ ସୁନ୍ଦର୍ଗଡ୍, ହିଞ୍ଜିଳି ଆଉ ପଦମ୍ପୁର୍ ଠାନେ ଆୟୋଜିତ ନିର୍ବାଚନୀ ସଭାଥି ଯୋଗ୍ ଦେବେ ।

ରାହୁଲ୍ ଗାନ୍ଧୀ- ଓଡ଼ିଶା ଗସ୍ତ            ଆର୍ଏନ୍ୟୁ/ ସମ୍ବଲପୁର

ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟିର୍ ଅଧ୍ୟକ୍ଷ ମଲିକାର୍ଜୁନ ଖଡ୍ଗେ ଆଏବା ଗୁରୁବାର୍ ଦିନ ଓଡ଼ିଶା ଗସ୍ତଥି ଆସିକରି ଦଲର୍ ନିର୍ବାଚନ୍ ପ୍ରଚାର୍ କାମ୍ଥି ଯୋଗ୍ ଦେବେ ବଲି ଦଲର୍ ବରିଷ୍ଠ ନେତା ଆଉ କଂଗ୍ରେସ୍ର ରାଜ୍ୟପ୍ରଭାରୀ ଅଜୟ କୁମାର୍ କହିଛନ୍ । ଶ୍ରୀ ଖଡ୍ଗେ କନ୍ଧମାଲ୍ ନ ଗୁଟେ ଜନସଭାକେ ସମ୍ବୋଧନ୍ କର୍ବେ ଆର୍ ଭୁବ୍ନେଶ୍ୱର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେଆଡ଼େ

କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏବା କାଏଲ୍ ଓଡ଼ିଶା ଗସ୍ତ୍‌ଥି ଆସିକରି ବଲାଙ୍ଗିର୍ ଠାନେ ଗୁଟେ ଜନସଭାକେ ସମ୍ବୋଧନ୍ କର୍‌ବେ ବଲି ଦଲର୍ ରାଜ୍ୟପ୍ରଭାରୀ ସୂଚ୍‌ନା ଦେଇଛନ୍ ।

ମଧୁବାବୁ ପେନ୍‌ସନ୍ ଯୋଜ୍‌ନା ଭତା ବଂଟନ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ମଧୁବାବୁ ପେନ୍‌ସନ୍ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଆଏବା କାଏଲ୍‌ଠାନୁ ଭତା ବଂଟାଯିବା । ଜବର୍ ଖରାକେ ନଜର୍‌ଥି ରଖିକରି ହିତାଧିକାରୀମାନ୍‌କୁ ସଖାଲେ ଆର୍ ଉପର୍‌ବେଲା ଭତା ଦିଆଯିବା ବଲି ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ କୁହାଯାଇଛେ । ସଖାଲର୍ ୧୧ ବଜେତକ୍ ଆଉ ଉପର୍‌ବେଲା ସାଢ଼େ ୩ ବଜେ ଉତାରୁ ଭତା ଦିଆଯିବା । ଇ ଭତା ଆଏବା ୨୦ ତାରିଖ୍‌ତକ୍ ବଂଟାଯିବା ବଲି ନିର୍ଦ୍ଦେଶ୍ ଦିଆଯାଇଛେ ।

ଭିନ୍ନକ୍ଷମ/ବରିଷ୍ଠ ନାଗରିକ୍ ମତଦାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେବ୍‌ଗଡ୍ ଜିଲ୍ଲା ନ ଆଏବା ୨୫ ତାରିଖ୍ ଦିନ ମତଦାନ୍ ହେବା । ଇତାର୍ ଆଘୋନୁ ଜିଲ୍ଲା ନ ଥିବା ଭିନ୍ନକ୍ଷମ ଆଉ ୮୫ ବଛରନୁ ଅଏତ୍‌କା ବୟସର୍ ବରିଷ୍ଠ ନାଗରିକ୍‌ମାନ୍‌କର୍ ମତଦାନ୍‌କେ ନେଇକରି ଉପଜିଲ୍ଲାପାଲ୍ କାର୍ଯ୍ୟାଳୟ ନ ଗୁଟେ ସମୀକ୍ଷା ହେଇଯାଇଛେ । ଆଏଜ୍‌ଠାନୁ ଆଏବା ୧୭ ତାରିଖ୍‌ତକ୍ ପୋଲିଂ ପାର୍ଟି ଆର୍ ବୁଥ୍ ଲେଭେଲ୍ ଅଧିକାରୀମାନେ ଜିଲ୍ଲା ନ ଥିବା ୪ ଶହ ୭୯ ଝନ୍ ବରିଷ୍ଠ ନାଗରିକ୍ ଆର୍ ଭିନ୍ନକ୍ଷମ ମତଦାତାମାନ୍‌କର୍ ପାଖ୍‌କେ ଯାଇକରି ବେଲଟ୍ ପେପର୍ ଜରିଏ ସେମାନ୍‌କର୍ ଭୋଟ୍ ଗ୍ରହଣ୍ କର୍‌ବେ ବଲି ଉପଜିଲ୍ଲାପାଲ୍ ଆଉ ରିଟର୍ଣ୍ଣିଂ ଅଫିସର୍ ପରକ୍ଷିତ ସାହୁ କହିଛନ୍ ।

ହୋମ୍ ଭୋଟିଂ- ପୋଷ୍ଟଲ୍ ଭୋଟିଂ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ନ ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବାର୍‌କେ ଯାଉଥିବାର୍ ବେଲେ ଭୋଟରମାନ୍‌କର୍ ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ଦିଗେ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଦିତ୍ୟ ଗୋୟଲ୍‌ଙ୍କର୍ ନେତୃତ୍ୱଥି ହୋମ୍ ଭୋଟିଂ ଆର୍ ପୋଷ୍ଟାଲ୍ ଭୋଟିଂ ମୁଲ୍ ହେଇଛେ । ବର୍‌ଗଡ୍ ଲୋକ୍‌ସଭା ଆସନ୍ ଆର୍

ପଦମ୍ପୁର୍, ବିଜେପୁର୍, ବର୍ଗଡ୍, ଅତାବିରା ଆର୍ ଭଟ୍‌ଲି ବିଧାନ୍‌ସଭା ଆସନ୍‌ର ରିଟର୍ଣ୍ଣିଂ ଅଧିକାରୀମାନ୍‌କର୍ ଦେଖ୍‌ରେଖ୍‌ଥି ହୋମ୍ ଭୋଟିଂ ଆର୍ ପୋଷ୍ଟାଲ୍ ଭୋଟିଂ ଦେବାର୍‌କେ ଥିବାର୍ ଲୁକ୍‌କର୍ ତାଲିକା ପ୍ରସ୍ତୁତ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ଶହେ ୩୫ ଝନ୍ ୮୫ ବଛର୍ ନୁ ଅଏତ୍‌କା ବୟସର୍ ବରିଷ୍ଠ ନାଗରିକ୍, ଶହେ ୪୫ ଝନ୍ ଭିନ୍ନକ୍ଷମ ଭୋଟର୍‌ଙ୍କୁ ମିଶେଇକରି ୨ ଶହ ୮୦ ଝନ୍ ମତଦାତା ନିଜର୍ ଘରୁ ମତଦାନ୍ କର୍‌ବେ । ସେନ୍ତା ନିର୍ବାଚନ୍ କାମ୍‌ଥି ନିୟୋଜିତ ଥିବା ୩ ଶହ ୧୦ ଝନ୍ ଡ୍ରାଇଭର୍, ଆର୍ ଅତ୍ୟାବଶ୍ୟକ୍ ସେବାଥି ଲାଗିଥିବା ୭ ଶହ ୧୧ ଝନ ପୋଷ୍ଟାଲ୍ ଭୋଟିଂ ଜରିଏ ନିଜର୍ ମତଦାନ୍ ସାବ୍ୟସ୍ତ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୧୯ ତାରିଖ୍‌ତକ୍ ଦକ୍ଷିଣ ଆଣ୍ଡାମାନ୍ ସାଗର୍, ନିକୋବର୍ ଦ୍ୱୀପ ଆର୍ ଦକ୍ଷିଣପୂର୍ବ ବଙ୍ଗୋପ୍‌ସାଗର୍‌କେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଛୁଇଁବା ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସେଆଡ଼େ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଏଜେ ଖରାତାତିନୁ ଟିକେ ନିସ୍ତାର୍ ମିଲିଥିବାର୍ ବେଲେ

ଗଲାକାଏଲ୍ ନୂଆପଡ଼ାକେ ଛାଡ଼ିକରି ବାକି ଜାଗା ମାନ୍‌କର୍ ତାପମାତ୍ରା ୪୦ ଡିଗ୍ରୀ ତଲେ ରହିଥିଲା । ଗଲା ୨୪ ଘଂଟା ଭିତ୍‌ରେ ରାଏଜର୍ ଭିନ୍ ଭିନ୍ ଜାଗା ନ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼ି ହେଇକରି ବର୍ଷା ହେଇଯାଇଛେ । ଆଏଜ୍ ରାଜ୍ୟର୍ ୭ ଟା ଜିଲ୍ଲାକେ କାଲ୍‌ବୈଶାଖୀ ବର୍ଷା ଲାଗି ପାଣିପାଗ୍ ବିଭାଗ୍ ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।